**ଭାରତର ପ୍ରଧାନମନ୍ତ୍ରୀଙ୍କ ତରଫରୁ ନାମିବିଆର ପ୍ରତିଷ୍ଠାତା ଜନକ ଓ ପ୍ରଥମ ରାଷ୍ଟ୍ରପତି ଡ. ସାମ୍ ନୁଜୋମାଙ୍କୁ ହିରୋଜ୍ ଏକର୍ ମେମୋରିଆଲରେ ଶ୍ରଦ୍ଧାଞ୍ଜଳି ଅର୍ପଣ (ଜୁଲାଇ 09, 2025)**

ଜୁଲାଇ 09, 2025

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ହିରୋଜ୍ ଏକର୍ ମେମୋରିଆଲରେ ନାମିବିଆର ପ୍ରତିଷ୍ଠାତା ଜନକ ଓ ପ୍ରଥମ ରାଷ୍ଟ୍ରପତି ଡ. ସାମ ନୁଜୋମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

2. ଭାରତର ପ୍ରଧାନମନ୍ତ୍ରୀ ଡ. ସାମ ନୁଜୋମାଙ୍କୁ ଏକ ଦୂରଦର୍ଶୀ ନେତା ଭାବରେ ସ୍ମରଣ କରିଥିଲେ, ସେ ନାମିବିଆର ସ୍ୱାଧୀନତାର ସଂଗ୍ରାମରେ ନିଜର ଜୀବନକୁ ସମର୍ପିତ କରିଥିଲେ। ସ୍ୱତନ୍ତ୍ର ନାମିବିଆର ପ୍ରଥମ ରାଷ୍ଟ୍ରପତି ଭାବରେ, ଡ. ନୁଜୋମାଙ୍କର ରାଷ୍ଟ୍ର ନିର୍ମାଣରେ ପ୍ରେରଣାଦାୟକ ଯୋଗଦାନ ଥିଲା। ତାଙ୍କର ଆଦର୍ଶ ସାରା ବିଶ୍ୱର ଜନସାଧାରଣଙ୍କୁ ଅନୁପ୍ରାଣିତ କରୁଛି।

3. ଡ. ସାମ୍ ନୁଜୋମା ଭାରତର ଅନ୍ତରଙ୍ଗ ମିତ୍ର ଥିଲେ। 1986 ମସିହାରେ ନୂଆଦିଲ୍ଲୀରେ ନାମିବିଆର ପ୍ରଥମ କୂଟନୈତିକ ମିଶନ [ସେହି ସମୟର SWAPO]ର ପ୍ରତିଷ୍ଠା ସମୟରେ ତାଙ୍କର ଉପସ୍ଥିତି ଭାରତର ଜନସାଧାରଣଙ୍କ ପାଇଁ ଏକ ସ୍ମରଣୀୟ ଘଟଣା।

ୱିଣ୍ଡହୋକ୍

ଜୁଲାଇ 09, 2025